১৫ ସେପ୍ଟେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼୍

ଶ୍ରୀମତୀ ସୟଦାଃ ଅମତୁଲ୍ କୁଦ୍ଦୁସ୍ ସାହେବା ପତ୍ନୀ ଯୁବରାଜ ମିର୍ଜା ଓସିମ୍ ଅହେମଦ୍ ସାହେବଙ୍କ ପବିତ୍ର ଜୀବନୀର ଉତ୍ତମ ଚରିତ୍ର ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍‌ର[ଅ.ବ] କହିଲେ; ଏହା ଅଲ୍ଲାଃତାଲାଙ୍କର ଧାର୍ଯ୍ୟ ବିଧାନ ଯେ, ମନୁଷ୍ୟ ଏହି ନଶ୍ୱର ଧରାପୃଷ୍ଠକୁ ଆସି କିଛି କାଳ ଅତିବାହିତ କରିବା ଅନ୍ତେ ଏଠାରୁ ବାହୁଡ଼ି ଯାଇଥାଏ । କିନ୍ତୁ ସୌଭାଗ୍ୟଶାଳୀ ସେହିମାନେ ଯାହାଙ୍କର କେବଳ ପୁଣ୍ୟାବଳୀ ଅବିସ୍ମରଣୀୟ ରହିଯାଏ । ଯାହାଙ୍କ ଅସ୍ତିତ୍ୱ ଦ୍ୱାରା ଲୋକମାନଙ୍କ ଉପକାର ସାଧିତ ହୋଇଥାଏ, ଯେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବାର ପ୍ରତ୍ୟକ୍ଷ ନମୁନା ସାଜିଥାନ୍ତି । ଯେ ଅଲ୍ଲାଃ ଓ ରସୁଲଙ୍କ ଆଦେଶାନୁଯାୟୀ କାର୍ଯ୍ୟକାରୀ କରିଥାନ୍ତି । ଯେ ହଜରତ ମସିହ ମଉଦ [ଅ.ସ]ଙ୍କ ବୈଅତର କର୍ତ୍ତବ୍ୟ ସମ୍ପାଦନ କରିବାର ଆପ୍ରାଣ ଉଦ୍ୟମ କରିଥାନ୍ତି । ଯେ ଖିଲାଫତ୍ ଅହେମଦିୟାର ପ୍ରକୃତ ବିଶ୍ୱସ୍ତ ଅଟନ୍ତି । ଯେ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାର ଯଥାସମ୍ଭବ ପ୍ରଚେଷ୍ଟା କରିଥାନ୍ତି । ଯେ ଅଲ୍ଲାଃତାଲାଙ୍କର ପ୍ରୀତିଭାଜନ ଲାଭ କରିବା ସକାଶେ ପ୍ରତି ମୁହୂର୍ତ୍ତ ପ୍ରୟାସରତ ରହିଥାନ୍ତି । **ଯାହାଙ୍କ ସକାଶେ ପ୍ରତ୍ୟେକ ମୁଖରୁ କେବଳ ପ୍ରଶଂସା ମୂଳକ ଉକ୍ତି ନିସୃତ ହୋଇଥାଏ ।** ଏପରି ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ବାଣୀ ଅନ୍ତର୍ଗତ ତାଙ୍କ ପାଇଁ ବୈକୁଣ୍ଠ ଅବଶ୍ୟାମ୍ଭାବୀ ହୋଇଯାଇଥାଏ ।

ବର୍ତ୍ତମାନ ମୁଁ ଏହିପରି ଏକ ବ୍ୟକ୍ତିତ୍ୱଙ୍କର ଚର୍ଚ୍ଚା କରିବାକୁ ଯାଉଛି ଯେ ହେଲେ ଶ୍ରୀମତୀ ସୟଦାଃ ଅମତୁଲ୍ କୁଦ୍ଦୁସ୍ ସାହେବା । ଯେ ହଜରତ ଡ଼ାଃ ମିର୍ ମୁହମ୍ମଦ ଇସମାଇଲ୍ ସାହେବଙ୍କ ସୁପୁତ୍ରୀ ଓ ସାହାବ୍‌ଯାଦାଃ (ଯୁବରାଜ) ମିର୍ଜା ଓସିମ୍ ଅହେମଦ୍ ସାହେବଙ୍କର ଧର୍ମପତ୍ନୀ ଏବଂ ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର କୁଳବଧୂ ଥିଲେ । ଯଦିଚ ସେ ପବିତ୍ର ପ୍ଲାବନଭୂମି କାଦିୟାନରେ ରହୁଥିଲେ କିନ୍ତୁ ବିଗତ ଦିନରେ ନିଜ କନ୍ୟାଙ୍କ ଘରେ ଅର୍ଥାତ ରବୱ୍ହାରେ ଅବସ୍ଥାନ କରୁଥିଲେ । ଯେଉଁଠାରେ ୯୬ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ । ଇନ୍ନା ଲିଲ୍ଲାହି ୱ୍ଇନ୍ନା ଇଲୈହି ରାଜେଉନ୍ । ଅଲ୍ଲାଃତାଲାଙ୍କ କୃପାରୁ ସେ ନିଜ ସମ୍ପତିର ୧/୯ ଭାଗର ୱ୍‌ସିୟତ୍ କରିଥିଲେ । ୧୯୫୧ମସିହାର ଜଲସା ସାଲାନା ଅବସରରେ ହଜରତ ମୁସଲେହ୍ ମଉଦ[ର.ଅ] ତାଙ୍କର ନିକାଃ ଯୁବରାଜ ମିର୍ଜା ଓସିମ୍ ଅହେମଦ୍ ସାହେବଙ୍କ ସହିତ ବିଧିବଦ୍ଧ ଭାବରେ ପାଠ କରାଇଥିଲେ । କନ୍ୟା ବିଦାୟ ଅବସରରେ ହଜରତ ମୁସଲେହ୍ ମଉଦ[ର.ଅ] ନିଜ ସୁପୁତ୍ର ପରିବର୍ତ୍ତେ କନ୍ୟା ପକ୍ଷରୁ ଏହି ବିବାହ ଉତ୍ସବରେ ଯୋଗ ଦେଇଥିଲେ ।

ଅଲ୍ଲାଃତାଲା ମୃତକଙ୍କୁ ତିନୋଟି କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ପ୍ରଦାନ କରିଥିଲେ । ଜଣେ ପୁତ୍ରୀ ଅମତୁଲ୍ ଅଲିମ୍ ସାହେବା ବର୍ତ୍ତମାନ ସଦର ଲଜନା ପାକିସ୍ତାନ ରୂପେ ଦାୟିତ୍ୱ ବହନ କରୁଛନ୍ତି । ଯେ ଶ୍ରୀମାନ ମନସୁର୍ ଅହେମଦ୍ ଖାଁ ସାହେବ ଓକିଲୁଲ୍ ଆ'ଲା ତେହରିକ୍ ଜଦିଦ୍‌ଙ୍କର ସହଧର୍ମିଣୀ ଅଟନ୍ତି । ଦ୍ୱିତୀୟ ସୁପୁତ୍ରୀ ଅମତୁଲ୍ କରିମ୍ ସାହେବା କ୍ୟାପ୍‌ଟେନ୍ ମାଜିଦ୍ ସାହେବଙ୍କର ସହଧର୍ମିଣୀ ଅଟନ୍ତି । ତୃତୀୟ ସୁପୁତ୍ରୀ ଅମତୁର୍ ରଉଫ୍ ସାହେବା ଡ଼ାଃ ଇବ୍ରାହିମ୍ ମୁନିବ୍ ସାହେବଙ୍କର ସହଧର୍ମିଣୀ ଅଟନ୍ତି । ପୁତ୍ର ମିର୍ଜା କଲିମ୍ ଅହେମଦ୍ ସାହେବ ଯେ କି ଆମେରିକାରେ ବସବାସ କରନ୍ତି ।

ସାହାବ୍‌ଯାଦାଃ ମିର୍ଜା ଓସିମ୍ ଅହେମଦ୍ ସାହେବ ନିଜ ବିବାହ ଅବସରରେ ଯେତେବେଳେ ପାକିସ୍ତାନ ଆସିଥିଲେ ଏବଂ ତାଙ୍କ ବିବାହକୁ ମାତ୍ର ସ୍ୱଳ୍ପଦିନ ଅତିବାହିତ ହୋଇଥିବ ଯେ, ଆପଣ ନିଜ ପତ୍ନୀଙ୍କୁ ସାଥିରେ କାଦିୟାନ୍ ଘେନି ନେବାର ସରକାରୀ କାଗଜପତ୍ର ପ୍ରକ୍ରିୟା କରୁଥିଲେ । ଇତିମଧ୍ୟରେ ଯେମିତିକି ପ୍ରାୟତଃ ଭାରତ ପାକିସ୍ତାନ ମଧ୍ୟରେ ପରିସ୍ଥିତି ଅସାମାନ୍ୟ ରହିଥାଏ ସେତେବେଳେ ମଧ୍ୟ ଅତି ଜଟିଳ ପରିସ୍ଥିତି ଉପୁଜି ଥିଲା, ଏପରି ଅବସ୍ଥାରେ ହଜରତ ମୁସଲେହ୍ ମଉଦ[ର.ଅ] ନିଜ ପୁତ୍ରଙ୍କୁ ଡ଼କାଇ କହିଲେ; ତୁମ ପତ୍ନୀଙ୍କ କାଗଜପତ୍ର ପ୍ରକ୍ରିୟା ଚାଲୁ ରହିଥାଉ, ତୁମେ ତାହାକୁ ଛାଡ଼ ଏବଂ ସଙ୍ଗେସଙ୍ଗେ କାଦିୟାନ୍ ଫେରିଯାଅ । କାରଣ ସେଠାରେ ହଜରତ ମସିହ ମଉଦ [ଅ.ସ]ଙ୍କ ବଂଶଜ ମଧ୍ୟରୁ କେହି ଜଣେ ଉପସ୍ଥିତ ରହିବା ଜରୁରୀ । ଅତଏବ ଆପଣ[ର.ଅ] ତାଙ୍କୁ ସଙ୍ଗେସଙ୍ଗେ ଜାହାଜରେ ଟିକେଟ୍ କରିବାକୁ ନିର୍ଦ୍ଦେଶ ଦେଲେ । ଅଧିକନ୍ତୁ କହିଲେ; ଯଦି ଜାହାଜରେ ଟିକେଟ୍ ନମିଳେ ତେବେ Chartered Plane କରିବାକୁ ହେଲେ ମଧ୍ୟ କରିନିଅ କିନ୍ତୁ ନିଧାର୍ଯ୍ୟ ରୂପେ କାଦିୟାନ୍ ଫେରିଯାଅ । ଆପଣ[ର.ଅ] କହିଲେ; **ଯଦି ତୁମେ ନିଜର ନମୁନା ପ୍ରଦର୍ଶନ ନକରିବ ତେବେ ସାଧାରଣ ଲୋକମାନେ କିପରି କୁର୍‌ବାନୀ (ବଳିଦାନ) କରିବେ ।**

ଯେଉଁସ୍ଥଳେ ଏହି କୁର୍‌ବାନୀ ସାହାବ୍‌ଯାଦାଃ ମିର୍ଜା ଓସିମ୍ ଅହେମଦ୍ ସାହେବ ଉପସ୍ଥାପନ କରିଥିଲେ । ସେହିସ୍ଥଳେ ସୟଦାଃ ଅମତୁଲ୍ କୁଦ୍ଦୁସ୍ ସାହେବା ମଧ୍ୟ ସମାନ କୁର୍‌ବାନୀ ପ୍ରଦର୍ଶିତ କରିଥିଲେ । ଏହା ଜଣା ନଥିଲା ଯେ, ତାଙ୍କ କାଗଜପତ୍ରର ପ୍ରକ୍ରିୟା କେବେ ସମ୍ପୂର୍ଣ୍ଣ ହେବ ଯେତେବେଳେ କି ପରିସ୍ଥିତି ଅତି ସଙ୍କଟାପର୍ଣ୍ଣ ରହିଥିଲା । ଏସମସ୍ତ ଅପ୍ରୀତିକର ପରିସ୍ଥିତି ସତ୍ତ୍ୱେ ଯେହେତୁ ଉପସ୍ଥିତ ଖଲିଫାଙ୍କର ନିର୍ଦ୍ଦେଶ ଥିଲା ତେଣୁ ଅତି ଖୁସିମନାର ସହିତ ନିଜ ସ୍ୱାମୀଙ୍କୁ ରବୱାରୁ ବିଦାୟ ଦେଇଥିଲେ ଏବଂ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଲେ ।

ଶ୍ରୀମତୀ ସୟଦାଃ ଅମତୁଲ୍ କୁଦ୍ଦୁସ୍ ସାହେବାଙ୍କର କାଗଜପତ୍ର ପ୍ରକ୍ରିୟା ଶେଷ ହେବାକୁ ପାଖାପାଖି ଏକ ବର୍ଷ ସମୟ ଲାଗିଗଲା । ଆପଣ କୁହନ୍ତି; ଯେତେବେଳେ ମୁଁ କାଦିୟାନ୍ ଯିବାକୁ ବାହାରିଲି ସେତେବେଳେ ହଜରତ ମୁସଲେହ୍ ମଉଦ[ର.ଅ] ମୋତେ ଉପଦେଶ ଦେଇ କହିଲେ, ତୁମେ ଦାରୁଲ୍ ମସିହ୍‌ର ଉମ୍ମେ ନାସିର୍‌ଙ୍କ ଗୃହରେ ରହିବ । ଯେଉଁସ୍ଥଳେ ହଜରତ ମସିହ ମଉଦ [ଅ.ସ]ଙ୍କର ପବିତ୍ର ଚରଣ ବାରମ୍ବାର ପଡ଼ିଥିଲା ଅର୍ଥାତ ସେଠାରେ ହଜୁର[ଅ.ସ] ଅଧିକ ଚଳପ୍ରଚଳ କରୁଥିଲେ ଏବଂ ତାହାର ପ୍ରାଙ୍ଗଣରେ ହଜୁର[ଅ.ସ] ଦରସ୍ (ପ୍ରବଚନ) ମଧ୍ୟ ଦେଉଥିଲେ । ହଜରତ ମୁସଲେହ୍ ମଉଦ[ର.ଅ] ଆପଣଙ୍କୁ ଏହି ଉପଦେଶ ମଧ୍ୟ ଦେଇଥିଲେ ଯେ, ଲଜ୍‌ନାମାନଙ୍କର ସଂଘକୁ ମଜବୁତ୍ କରିବ । ଅତଃ ସୟଦାଃ ଅମତୁଲ୍ କୁଦ୍ଦୁସ୍ ସାହେବା କାଦିୟାନ୍‌ର ଲଜ୍‌ନାମାନଙ୍କୁ ଏକତ୍ରିତ ଓ ସୁସଂଗଠିତ କଲେ ଏବଂ ତାଙ୍କ ସହ ସହାନୁଭୂତି ପ୍ରଦର୍ଶନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ଲଣ୍ଡନ ପହଞ୍ଚିବା ପରେ ନିଜର ପ୍ରଥମ ଖୁତବା ଜୁମାରେ ୟୁରୋପରେ ଇସଲାମର ପ୍ରଚାର ପ୍ରସାର ନିମନ୍ତେ ଦୁଇଟି ନୂତନ କେନ୍ଦ୍ର ସ୍ଥାପନ କରିବା ସକାଶେ ଅର୍ଥଦାନ କରିବାକୁ ଆହ୍ୱାନ ଦେଇଥିଲେ । ସେତେବେଳେ ସୟଦାଃ ଅମତୁଲ୍ କୁଦ୍ଦୁସ୍ ସାହେବା ସଦର ଲଜ୍‌ନା ଭାରତ ଥିଲେ । ଆପଣଙ୍କ ନେତୃତ୍ୱରେ ଭାରତର ଲଜ୍‌ନାମାନେ ବଢ଼ିଚଢ଼ି ଅର୍ଥଦାନ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଆପଣ ନିଜର ସମସ୍ତ ଅଳଙ୍କାର ଉକ୍ତ ପାଣ୍ଠିରେ ଦାନ କରି ଦେଇଥିଲେ ।

୧୯୯୧ ମସିହାରେ ଚତୁର୍ଥ ଖଲିଫାଙ୍କର ଯେତେବେଳେ ପବିତ୍ର ପିଠସ୍ଥଳୀ କାଦିୟାନ୍ ଆଗମନ ହେଲା ସେତେବେଳେ ହଜୁର କାଦିୟାନ୍‌ର ଲଜ୍‌ନାମାନଙ୍କ ବଳିଦାନର ଅତି ଉତ୍ତମ ଶୈଳୀରେ ପ୍ରଶଂସା କରିଥିଲେ । ହଜୁର କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଯଦିଚ ହିନ୍ଦୁସ୍ତାନର ପ୍ରତ୍ୟେକ ଲଜ୍‌ନା ପ୍ରସଙ୍ଗରେ ନୁହେଁ ତଥାପି କାଦିୟାନ୍‌ର ଲଜ୍‌ନାମାନଙ୍କ ସମ୍ବନ୍ଧରେ ମୁଁ ନିଛକ ଭାବରେ କହିପାରେ ଯେ, ଏମାନେ ଅର୍ଥଦାନ କରିବା କ୍ଷେତ୍ରରେ ଅସାଧାରଣ ନମୁନା ପ୍ରଦର୍ଶନ କରିଛନ୍ତି । ହଜରତ ମୁସଲେହ୍ ମଉଦ[ର.ଅ] ବିନୀତାଙ୍କୁ କାଦିୟାନ୍ ଅଭିମୁଖେ ପ୍ରେରଣ କରିବା ସମୟରେ ଏହି ଉପଦେଶ ମଧ୍ୟ ଦେଇଥିଲେ ଯେ, ଲଜ୍‌ନା ସଂଗଠନକୁ ଶୃଙ୍ଖଳିତ କରିବ । ସୁତରାଂ ଆପଣ କାଦିୟାନ୍‌ରେ ପହଞ୍ଚିବା ମାତ୍ରେ ଲଜ୍‌ନାମାନଙ୍କର ଜେନେରାଲ୍ ସେକ୍ରେଟାରୀ ପଦରେ ମୁତୟନ ହେଲେ । ପୁନଶ୍ଚ ୧୯୫୫ ମସିହାରେ ସ୍ଥାନୀୟ ସଦର ଲଜ୍‌ନା ପଦରେ ଅଧିଷ୍ଠିତ ହେଲେ । ତତ୍‌ପଶ୍ଚାତ ସଦର ଲଜ୍‌ନା ଭାରତ ପଦ ପାଇଁ ନିର୍ବାଚିତ ହୋଇ ଦାୟିତ୍ୱ

ଗ୍ରହଣ କରିଥିଲେ । **ଏପରି ଆପଣ ସୁଦୀର୍ଘ ୪୬ବର୍ଷ କାଳ ସେବା ସମ୍ପାଦନ କରିଥିଲେ ।**

ଅମତୁଲ୍ କୁଦ୍ଦୁସ୍ ସାହେବା ପବିତ୍ର କୁରଆନ୍‌ର ଅନେକ ସେବା କରିଛନ୍ତି । କାଦିୟାନ୍‌ରେ ୨୫୦ଜଣ ଯୁବତୀଙ୍କୁ ପବିତ୍ର କୁରଆନ୍‌ର ଶିକ୍ଷା ଦେଇଥିଲେ । ଭାରତର ଯେଉଁ ଅହେମଦୀ କନ୍ୟାମାନେ F.A କରୁଥିଲେ, ସେମାନେ କାଦିୟାନ୍ ଆସି ତିନି ତିନି ମାସ ଅବସ୍ଥାନ କରୁଥିଲେ ଏବଂ ଆପଣ ସେମାନଙ୍କୁ ପବିତ୍ର କୁରଆନ୍‌ର ଅନୁବାଦ ପଢ଼ିବା ଶିଖାଉ ଥିଲେ । ଆପଣ ଲଜ୍‌ନାମାନଙ୍କୁ ଅତି ପରିଶ୍ରମର ସହିତ ସୁସଙ୍ଗଠିତ କରିଥିଲେ । ତାଙ୍କ ଠାରେ ଅତିଥି ସତ୍କାର କରିବାର ଗୁଣ ଅଭୂତପୂର୍ବ ଥିଲା । ଆପଣଙ୍କ ସୁପୁତ୍ରୀ କୁହନ୍ତି; ମୋ ଜନନୀ ଆମ ପିତାଙ୍କର ପ୍ରତ୍ୟେକ ପରିସ୍ଥିତିରେ ନିଷ୍ଠାପର ସହଚରିଣୀ ଓ ଜୀବନ ସଙ୍ଗିନୀ ଥିଲେ । ଆମର ଅବସ୍ଥା ଅତି ଅଭାବପୂର୍ଣ୍ଣ ଥିଲା, ମଧ୍ୟାହ୍ନ ଭୋଜନରେ ଭାତ ସହିତ କେବଳ ମୁଗଡ଼ାଲି ରନ୍ଧା ହେଉଥିଲା । ଆମ ପିତା ଦୁଗ୍ଧ ଓ ଦହି ନିମନ୍ତେ ଗୋଟିଏ ମଇଁଷି ପାଳିଥିଲେ । **ଯଦି କେହି ଅତିଥି ଆସି ପହଞ୍ଚନ୍ତି ଏବଂ ଘରେ କିଛି ଖାଦ୍ୟ ସାମଗ୍ରୀ ଥାଏ ତେବେ ଆପଣ ନିର୍ଦ୍ୱନ୍ଦରେ ତାହା ତାଙ୍କ ସତ୍କାର ପୂର୍ବକ ରଖି ଦିଅନ୍ତି ।**

ଆପଣ ଅତି ଉତ୍ତମ ସହଧର୍ମିଣୀ ଥିଲେ, ସଙ୍କଟାପର୍ଣ୍ଣ ପରିସ୍ଥିତିରେ ନିଜ ସ୍ୱାମୀଙ୍କର ସହଯୋଗ କରିବା ଆପଣଙ୍କ ବୈଶିଷ୍ଟ୍ୟ ଥିଲା । ସେ କଦାପି କୌଣସି ଜିନିଷର ଅଳି କରି ନାହାନ୍ତି । ଘରଖର୍ଚ୍ଚ ନିମନ୍ତେ ପିତାଶ୍ରୀ ଯେତିକି ପ୍ରଦାନ କରୁଥିଲେ, ତାହାକୁ ଅତି ଖୁସିମନରେ ଗ୍ରହଣ କରି ନେଉଥିଲେ । ସେ ଜଣେ ପରିଷ୍କାର ପରିଚ୍ଛନ ପସନ୍ଦ ଏବଂ ଅତି ଶୃଙ୍ଖଳିତ ମହିଳା ଥିଲେ । ପରିଣିତ ବୟସରେ ଆପଣ ନିଜର ଦୃଷ୍ଟିଶକ୍ତି ହରାଇ ବସିଥିଲେ ଏବଂ ଯନ୍ତ୍ର ସାହାଯ୍ୟରେ ବହୁ କଷ୍ଟରେ କିଛି ଶୁଣିପାରୁ ଥିଲେ । ଏହା ସତ୍ତ୍ୱେ ଅତି ଆନନ୍ଦର ସହ ନିଜ ବାର୍ଦ୍ଧକ୍ୟାବସ୍ଥା ଅତିବାହିତ କରିଥିଲେ । ଯେତେବେଳେ ମଧ୍ୟ କେହି ତାଙ୍କର କୁଶଳମଙ୍ଗଳ ପଚାରୁଥିଲେ ସେତେବେଳେ ଅଲ୍‌ହମ୍‌ଦୁ ଲିଲ୍ଲାଃ (ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ) କରୁଥିଲେ । ଉପସ୍ଥିତ ଖଲିଫାଙ୍କ ନିକଟରୁ କୌଣସି ଆହ୍ୱାନ ଶୁଣିବା ମାତ୍ରେ ସର୍ବପ୍ରଥମେ ସେ ନିଜ ଓ ନିଜ ସ୍ୱାମୀଙ୍କ ତରଫରୁ ସେଥିରେ ଅଂଶ ଗ୍ରହଣ କରୁଥିଲେ । ତାଙ୍କ ସୁପୁତ୍ରୀ କୁହନ୍ତି; ଯଦି ଆମେ ପବିତ୍ର କୁରଆନ୍ ପାଠ କରିବାରେ କୌଣସି ଭୁଲ କରୁଥିଲୁ ଏବଂ ଆମ ମାତା ଅନ୍ୟ କୋଠରୀରେ କୌଣସି କାର୍ଯ୍ୟ କରୁଥିବେ ତେବେ ସେହିଠାରୁ ଆମର ଭ୍ରମ ସଂଶୋଧନ କରି ଦେଉଥିଲେ । ଏପରି ପ୍ରତୀତ ହେଉଥିଲା ଯେପରି ଆପଣ ପବିତ୍ର କୁରଆନ୍ କଣ୍ଠସ୍ଥ କରି ରଖିଛନ୍ତି ।

ଲୋକମାନଙ୍କ ଦୁଃଖକଷ୍ଟ ଓ ରୋଗବ୍ୟାଧିରେ ସେ ସର୍ବଦା ସାମିଲ ହେଉଥିଲେ । କାଦିୟାନ୍‌ର ଯୁବତୀମାନଙ୍କୁ ସିଲେଇ ଶିଖାଉ ଥିଲେ । କାଦିୟାନ୍‌ରେ ଆପଣ ସଭିଙ୍କ ସହିତ ମିଳିମିଶି ରହିବାର ଏକ ଅନନ୍ୟ ପରିବେଶ ସୃଷ୍ଟି କରି ଦେଇଥିଲେ । ଭାରତ ବର୍ଷର ବିଭାଜନ ପରେ ରତନବାଗ ଲାହୋର ଠାରେ ଅବସ୍ଥାନ ସମୟରେ ଆପଣ ହଜରତ ଅମ୍ମାଜାନ୍‌ଙ୍କୁ ପବିତ୍ର କୁରଆନ୍ ଓ ମଲଫୁଜାତ୍ ପଢ଼ି ଶୁଣାଉ ଥିଲେ । ଆପଣ ନିଜ ସ୍ଥାବର ଅସ୍ଥାବର ସମ୍ପତ୍ତିର ପ୍ରତିଶୃତ ଅଂଶ ଓ ଓ୍ୱସିୟତ୍ ଚାନ୍ଦା ନିଜ ଜୀବନ କାଳରେ ହିଁ ପୈଠ କରି ଦେଇଥିଲେ । ଏହିପରି ତେହରିକେ ଜଦିଦ୍‌ର ପ୍ରଥମ ଚରଣରେ ଭାଗ ନେଇଥିବା ଚାନ୍ଦା ଦାନକାରୀଙ୍କ ମଧ୍ୟରେ ସେ ଅନ୍ତର୍ଭୁକ୍ତ ଥିଲେ । ନିଜ ସନ୍ତାନମାନଙ୍କୁ ଧାର୍ଯ୍ୟ ସମୟରେ ନମାଜ ପାଠ କରିବାକୁ ଉପଦେଶ ଦେଉଥିଲେ ।

ସେ ଅନେକ ଯୁବତୀମାନଙ୍କର ଲାଳନପାଳନ କରିଥିଲେ । ସେମାନଙ୍କର ଉତ୍ତମ ପ୍ରଶିକ୍ଷଣ କରି ତାଙ୍କର କନ୍ୟାଦାନ ଅର୍ଥାତ ବିବାହ ମଧ୍ୟ ସମ୍ପନ୍ନ କରିଥିଲେ । ଦରବେଶ୍ କାଳରେ ଯେତେବେଳେ ଆର୍ଥିକ ଅବସ୍ଥା ଅତି ଦୟନୀୟ ରହିଥିଲା ଏବଂ କୌଣସି ଦରବେଶ୍‌ଙ୍କ କନ୍ୟାର ବିବାହ ହେଉଥିଲା ଆପଣ ତାଙ୍କୁ ନିଜର ଅଳଙ୍କାର ପ୍ରଦାନ କରି ଦେଉଥିଲେ କି ଯେପର୍ଯ୍ୟନ୍ତ ଇଚ୍ଛା ଏହାକୁ ପରିଧାନ କର ଏବଂ ପୁନଶ୍ଚ ଅନ୍ୟ କାହା ବିବାହ ଉତ୍ସବ ହେଲେ ତାହାକୁ ତାହା ପ୍ରଦାନ କରି ଦେଉଥିଲେ ।

ଲୋକମାନେ ନିଜ ଅମାନତ୍ (ମୂଲ୍ୟବାନ ସାମଗ୍ରୀ) ଆପଣଙ୍କ ନିକଟରେ ରଖୁଥିଲେ ଏବଂ ଆପଣ ଅତି ବିଶ୍ୱସ୍ତତାର ସହ ତାହାର ସଂରକ୍ଷଣ କରୁଥିଲେ । ଅନେକ ଯୁବତୀଙ୍କୁ ଘରକରଣା କାର୍ଯ୍ୟ ଶିଖାଇଛନ୍ତି, ତାଙ୍କର ଯୌତୁକ ଗଚ୍ଛିତ କରୁଥିଲେ, ଦରବେଶ୍‌ଙ୍କ ବିଧବା ମହିଳାମାନଙ୍କୁ ଇଦ୍ ପର୍ବ ସମୟରେ ସ୍ୱୟଂ ଯାଇ ଇଦ୍ ଖର୍ଚ୍ଚ ଦେଇ ଆସୁଥିଲେ ।

ଆପଣଙ୍କ ସୁପୁତ୍ର କୁହନ୍ତି; ଅଧିକାଂଶ ସମୟରେ ଅତିଥି ଦାରୁଲ୍ ମସିହ୍‌ରେ ଅବସ୍ଥାନ କରୁଥିଲେ ଏବଂ ଆମ ମାତାଶ୍ରୀ ୧୧/୧୨ବର୍ଷିୟ ଯୁବତୀମାନଙ୍କୁ ସ୍ୱୟଂ ପ୍ରଶିକ୍ଷିତ କରୁଥିଲେ, ଉଦାହରଣ ସ୍ୱରୂପ କିପରି ଅତିଥିମାନଙ୍କ ସେବା ସତ୍କାର ଓ ଆବଶ୍ୟକତାର ଯତ୍ନ ରଖିବ ଇତ୍ୟାଦି । ସରକାରୀ ପଦାଧିକାରୀଙ୍କ ବିଧବା ମହିଳାମାନଙ୍କୁ ମଧ୍ୟ ଜମାଅତ ସହିତ ପରିଚିତ କରାଉ ଥିଲେ । ଅଭାବିମାନଙ୍କ ପ୍ରତି ବହୁତ ଯତ୍ନବାନ ଥିଲେ ।

ସାହାବ୍‌ଯାଦାଃ ମିର୍ଜା ଓସିମ୍ ଅହେମଦ୍ ସାହେବଙ୍କ ଦେହାନ୍ତ ପରେ ଦଶବର୍ଷ ପର୍ଯ୍ୟନ୍ତ କାଦିୟାନ୍‌ରେ ଅବସ୍ଥାନ କରିଥିଲେ । ଆଉ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯେତେବେଳେ ଅବନତି ଘଟିବା ଆରମ୍ଭ ହେଲା ସେତେବେଳେ ତାଙ୍କ କନ୍ୟାମାନେ ଚିକିତ୍ସା ନିମନ୍ତେ ତାଙ୍କୁ ସାଥିରେ ରବୱା ନେଇଗଲେ । ତଥାପି ସେ ଏହାହିଁ କହୁଥିଲେ, ମୁଁ ଖଲିଫାଙ୍କ ବିନା ଅନୁମତିରେ ଦୀର୍ଘ ସମୟ କାଦିୟାନ୍ ବାହାରେ ରହିପାରିବି ନାହିଁ । ମୋତେ ସେ ଅନୁମତି ମାଗିଥିଲେ ଏବଂ ମୁଁ ତାଙ୍କୁ ପ୍ରତିଉତ୍ତରରେ ଲେଖିଥିଲି ଯେ, ଆପଣ ଯେପର୍ଯ୍ୟନ୍ତ ରହିବାକୁ ଚାହୁଁଛନ୍ତି ରବୱାରେ ରହି ପାରନ୍ତି । ଅନେକ ଅଣମୁସଲମାନମାନେ ମଧ୍ୟ ଆପଣଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇଥିଲେ । କାଦିୟାନ୍‌ର ଲୋକମାନଙ୍କୁ ଅତି ସ୍ନେହ ଆଦର କରୁଥିଲେ । ସେଠାରୁ ଅନେକ ମହିଳାମାନଙ୍କର ପତ୍ର ମୋତେ ହସ୍ତଗତ ହୋଇଛି ଯେ ଆପଣଙ୍କର ସୁଗୁଣ ଚର୍ଚ୍ଚା କରିଛନ୍ତି । ଏହିପରି କାଦିୟାନ୍‌ର ପୁରାତନ ନିବାସୀମାନେ ମଧ୍ୟ ଲେଖିଛନ୍ତି ଯେ, ସେ ଜଣେ ମମତାମୟୀ ମା' ପରି ଆମକୁ ପାଳିଛନ୍ତି ।

ଖଲିଫାଙ୍କ ସହିତ ଆପଣଙ୍କର ଅତି ନିଷ୍ଠାପର ସମ୍ପର୍କ ରହିଥିଲା । ସେ ଦ୍ୱିତୀୟ ଖଲିଫାଙ୍କ ସହିତ ଯେପରି ବିନମ୍ରତା ଓ ପୂର୍ଣ୍ଣ ବିଶ୍ୱସ୍ତତାର ନମୁନା ପ୍ରଦର୍ଶନ କରିଥିଲେ, ସେହିପରି ସମାନ ଆଚରଣ ଅନ୍ୟ ଖଲିଫା ଓ ମୋ ସହିତ ମଧ୍ୟ ଅବ୍ୟାହତ ରଖିଥିଲେ । ଯାହାକି ଏକ ଉଦାହରଣ ଅଟେ । ଏଠାରେ ମଧ୍ୟ ଅତି ସମ୍ମାନ ଓ ଶାଳୀନତାର ସହିତ ମୋ ସହିତ ସାକ୍ଷାତ କରିଥିଲେ ଏବଂ ୨୦୦୫ମସିହାରେ ଯେତେବେଳେ ମୁଁ କାଦିୟାନ୍ ଗସ୍ତ କରିଥିଲି ସେଠାରେ ମଧ୍ୟ ଅତି ଗମ୍ଭିରତାର ସହ ଆମର ଅତିଥି ସତ୍କାର କରିଥିଲେ । ପୁନଶ୍ଚ ପ୍ରତ୍ୟେକ ସାକ୍ଷାତରେ ବେଶ୍ ପ୍ରଫୁଲ୍ଲିତ ହୋଇ ଉଠୁଥିଲେ ଯାହାକି ତାଙ୍କ ମୁଖ ମଣ୍ଡଳରୁ ପ୍ରକାଶିତ ହେଉଥିଲା । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ତାଙ୍କ ପୁଣ୍ୟାବଳୀଗୁଡ଼ିକୁ ଜାରି ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

କାଦିୟାନ୍‌ର ଲୋକମାନଙ୍କୁ ସେ ଯେଉଁ ସ୍ନେହ ଆଦରର ସମ୍ପର୍କର ଡ଼ୋରିରେ ଯୋଡ଼ି ରଖିଥିଲେ ଅଲ୍ଲାଃତାଲା ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ପରସ୍ପର ସହ ସେହି ସମ୍ପର୍କରେ ସୁଦୃଢ଼ ରହିଥାନ୍ତୁ । ସମ୍ପ୍ରତି କାଦିୟାନ୍‌ରେ ହଜରତ ମସିହ ମଉଦ ଅ.ସଙ୍କ ବଂଶଜ ମଧ୍ୟରୁ ତ କେହି ଉପସ୍ଥିତ ନାହାନ୍ତି । ଅଲ୍ଲାଃତାଲା ଏପରି ଅନୁକୂଳ ପରିବେଶ ଉତ୍ପନ୍ନ କରି ଦିଅନ୍ତୁ କି କେହି ଜଣେ ସେଠାକୁ ଚାଲି ଯାଇପାରିବେ । ଅଲ୍ଲାଃତାଲା ମୃତକଙ୍କର ସ୍ତର ବୃଦ୍ଧି କରନ୍ତୁ । ତତ୍‌ପଶ୍ଚାତ ପ୍ରିୟ ହଜୁର ଅନୱର ଅ.ବ ଶ୍ରୀମାନ ମୁହମ୍ମଦ ଅରଶଦ୍ ଅହେମଦ୍ ସାହେବ ୟୁ.କେ ନିବାସୀଙ୍କର ଉପସ୍ଥିତ ଜନାଯାଃ ଓ ଶ୍ରୀମାନ ଜମାଲ ସାହେବ ଆଫ୍ରିକୀୟ ଆମେରିକା ନିବାସୀଙ୍କର ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ଏବଂ ମୃତକଙ୍କ ଉତ୍ତମ ଚରିତ୍ର ବର୍ଣ୍ଣନା କଲେ ତଥା ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ ପ୍ରାର୍ଥନା କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।